# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ଷଷ୍ଠ — ବିଷୟ : ବିଜ୍ଞାନ

ସମୟ : ୨ଘଣ୍ଟା — ପୂର୍ଣ୍ଣସଂଖ୍ୟା : ୧୦୦

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । ୧ × ୫ = ୫

(କ) କେଉଁ ଲବଣ ଥାଇରଏଡ୍ ଗ୍ରନ୍ଥିକୁ କାର୍ଯ୍ୟକ୍ଷମ କରିବାରେ ସାହାଯ୍ୟ କରେ ?

(ଖ) ଅବକ୍ଷେପଣ କାହାକୁ କହନ୍ତି ?

(ଗ) ଦ୍ରବଣୀୟତା କେଉଁ ପରିବର୍ତ୍ତନ ଅନ୍ତର୍ଗତ ?

(ଘ) କପା ଚାଷ ନିମନ୍ତେ କେଉଁ ମୃତ୍ତିକା ସର୍ବୋତ୍କୃଷ୍ଟ ?

(ଙ) ଉପଯୋଜନ କାହାକୁ କହନ୍ତି ?

୨. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

୧ × ୫ = ୫

(ଅପପୁଷ୍ଟି, ଝୋଟ, ରକ୍ତହୀନତା, କାଣ୍ଡ, ଆକର୍ଷୀ, ରେଚନ)

(କ) ଅଦାର __________ ଅଂଶକୁ ଆମେ ଖାଦ୍ୟ ରୂପେ ବ୍ୟବହାର କରୁ ।

(ଖ) ଶ୍ୱେତସାର, ପୁଷ୍ଟିସାର ଓ ସ୍ନେହସାର ଅଭାବ ଜନିତ ରୋଗକୁ __________ କହନ୍ତି ।

(ଗ) ପ୍ରାଣୀ ଓ ଉଦ୍ଭିଦ ଶରୀରରୁ ବର୍ଜ୍ୟବସ୍ତୁ ନିଷ୍କାସନ ପ୍ରକ୍ରିୟାକୁ __________ କହନ୍ତି ।

(ଘ) ନଳିତା ଗଛର ବାହ୍ୟ ଆବରଣରୁ __________ ପ୍ରସ୍ତୁତ ହୁଏ ।

(ଙ) ଲତା ଜାତୀୟ ଉଦ୍ଭିଦର କାଣ୍ଡରେ __________ଥାଏ ।



https://ssvmkalamachhuin.in/

୩. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସମ୍ପର୍କିତ ଶବ୍ଦ ବାଛି ଲେଖ । ୧×୫ = ୫

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ତନ୍ତ ଲୁଗା | ଆଲୁମିନିୟମ୍ |
| ଉଜ୍ଜ୍ୱଳ ବସ୍ତୁ | ପ୍ରାକୃତିକ ପରିବର୍ତ୍ତନ |
| ପ୍ରତିକ୍ରିୟା | ସମ୍ବଲପୁର |
| ଶିଳା | ଜୈବିକ କାରକ |
| ଓଦାଲୁଗା ଶୁଖିବା | ଉଦ୍ଦୀପନା |
| | ଅଜୈବିକ କାରକ |

୪. ବାମ ପାର୍ଶ୍ୱର ସଂପର୍କକୁ ଦେଖି ଡାହାଣ ପାର୍ଶ୍ୱର ସଂପର୍କ ଲେଖ ।

୧ × ୫=୫

(କ) ତୁତିଆ : କପର୍ ସଲଫେଟ୍ :: ଖାଇବା ଲୁଣ : ________ ।

(ଖ) ଚଲେଇବା: Sieving :: ପାଛୁଡ଼ିବା ଓ ଉଡ଼ାଇବା : ________ ।

(ଗ) ପଶମ : ମେଣ୍ଢା ଲୋମ :: ରେଶମ : ________ ।

(ଘ) ଆଲୋକ : ଅଜୈବିକକାରକ :: ଅଣୁଜୀବ : ________ ।

(ଙ) କାଣ୍ଡ : ଆଲୋକ :: ମୂଳ : ________ ।

୫. ଠିକ୍ ଉତ୍ତର ବାଛି ଲେଖ । ୧ × ୫ = ୫

(କ) ନିରାମିଷ ଭୋଜନ କରୁଥିବା ତୁମ ବୟସର ପିଲା ଦୈନିକ କେତେ ପରିମାଣର କ୍ଷୀର ପିଇବା ଆବଶ୍ୟକ ?

(A) ୨୦୦ମି.ଲି. (B) ୩୦୦ମି.ଲି.

(C) ୨୫୦ମି.ଲି. (D) ୩୫୦ମି.ଲି.

(ଖ) ଦ୍ରବଣ କେଉଁ ପ୍ରକାର ପଦାର୍ଥ ଅନ୍ତର୍ଗତ ?

(A) ମୌଳିକ (B) ଯୌଗିକ

(C) ମିଶ୍ରଣ (D) କୌଣସିଟି ନୁହେଁ

(ଗ) ମ୍ୟାଗ୍ନେସିୟମ୍ ପାତକୁ ଉତ୍ତପ୍ତ କଲେ ଯେଉଁ ନୂତନ ପଦାର୍ଥ ଉତ୍ପନ୍ନ ହୁଏ ତାହାର ରାସାୟନିକ ନାମ କ'ଣ ?

(A) ମ୍ୟାଗ୍ନେସିୟମ୍ ସଲଫେଟ୍ (B) ମ୍ୟାଗ୍ନେସିୟମ୍ ଫସଫେଟ୍

(C) କପର୍ ଅକ୍ସାଇଡ୍ (D) ମ୍ୟାଗ୍ନେସିୟମ୍ ଅକ୍ସାଇଡ୍



https://ssvmkalamachhuin.in/

(ଘ) ମନୁଷ୍ୟର ପ୍ରଥମ ବୈଜ୍ଞାନିକ ଉଦ୍ଭାବନ କ'ଣ ?

(A) କମ୍ପ୍ୟୁଟର (B) ନିଆଁ

(C) ଚକ (D) ରେଡିଓ

(ଙ) ଶ୍ୱସନ ପ୍ରକ୍ରିୟାରେ ଜୀବ କେଉଁ ଗ୍ୟାସ୍ ତ୍ୟାଗ କରେ ?

(A) ଅଙ୍ଗାରକାମ୍ଳ (B) ଅମ୍ଳଜାନ

(C) ଯବକ୍ଷାରଜାନ (D) ଆର୍ଗନ

୬. ରେଖାଙ୍କିତ ପଦକୁ ନ ବଦଳାଇ ଭ୍ରମ ଥିଲେ ସଂଶୋଧନ କର ।

୧ × ୫ = ୫

(କ) ଶିମିଳି ଗଛର କାଠିକୁ କାଉଁରିଆ କାଠି କହନ୍ତି ।

(ଖ) ୟୁରିଆ ସାର ଜଳରେ ଅଦ୍ରବଣୀୟ ।

(ଗ) ମୁଗ, ବିରି, କୋଳଥ ଶସ୍ୟକୁ ବେଙ୍ଗଲା ସାହାଯ୍ୟରେ ଅମଳ କରାଯାଏ ।

(ଘ) ଭିଟାମିନ୍ - E ଜଳରେ ଦ୍ରବଣୀୟ ।

(ଙ) କାଉ ଏକ ମାଂସାଶୀ ପ୍ରାଣୀ ।

୭. ସଂକ୍ଷେପରେ ଉତ୍ତର ଦିଅ । ୨ × ୫ = ୧୦

(କ) ପ୍ରାଣୀଜ ସ୍ନେହସାର ଓ ଉଦ୍ଭିଦଜ ସ୍ନେହସାର ମଧ୍ୟରେ ଦୁଇଟି ପାର୍ଥକ୍ୟ ଲେଖ ।

(ଖ) ପୂର୍ବ କାଳରେ ସୂତା କାଟିବା ପାଇଁ ବ୍ୟବହୃତ ଦୁଇଟି ଯନ୍ତ୍ରର ନାମ ଲେଖ ।

(ଗ) ରାନ୍ଧିବା ପୂର୍ବ ଚାଉଳକୁ ଭଲ ଭାବରେ ଧୁଆଯାଏ କାହିଁକି ?

(ଘ) ଶାକାହାରୀ ଓ ମାଂସାଶୀ ପ୍ରାଣୀ ମଧ୍ୟରେ ୨ଟି ପାର୍ଥକ୍ୟ ଲେଖ ।

(ଙ) ମାଛ ଶରୀର ଗଠନର ବିଶେଷତ୍ୱ ଲେଖ ।

୮. ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଦିଅ । ୪ × ୪ = ୧୬

(କ) ଆସ୍ରବଣ ଓ ପରିସ୍ରବଣ ମଧ୍ୟରେ ଚାରୋଟି ପାର୍ଥକ୍ୟ ଲେଖ ।

(ଖ) ସପ୍ତଫେଣୀ ଗଛରେ ଆଦୌ ଜଳ ଲାଗେ ନାହିଁ କାହିଁକି ?



https://ssvmkalamachhuin.in/

(ଗ) ସଂକ୍ଷିପ୍ତ ଟିପ୍ପଣୀ ଲେଖ ।
ତନ୍ତୁଜାତୀୟ ଖାଦ୍ୟ

(ଘ) ଦ୍ରବଣର ପ୍ରକାର ଭେଦ ବର୍ଣ୍ଣନା କର ।

(ଙ) ତାପ ପ୍ରୟୋଗରେ ବାୟୁ ପ୍ରସାରିତ ହୁଏ । ଏକ ସରଳ ପରୀକ୍ଷା ଦ୍ୱାରା ବୁଝାଅ ।

(ଚ) ଉଦ୍ଭିଦର ପ୍ରତିକ୍ରିୟା ନାମାଙ୍କିତ ଚିତ୍ର ଅଙ୍କନ କର ।

୯. ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଦିଅ । ୪ × ୪ = ୧୬

(କ) ରାସାୟନିକ ଓ ଭୌତିକ ପରିବର୍ତ୍ତନ ମଧ୍ୟରେ ଚାରୋଟି ପାର୍ଥକ୍ୟ ଦର୍ଶାଅ ।

(ଖ) ଜୀବର ଶ୍ୱସନ ପ୍ରକ୍ରିୟା ଏକ ସରଳ ପରୀକ୍ଷଣ ଦ୍ୱାରା ବୁଝାଅ ।

(ଗ) ଚର୍ମ ରୋଗ ହେଲେ ଟେରିଲିନ୍ ବସ୍ତ୍ର ପିନ୍ଧିବା ପାଇଁ ଡାକ୍ତର ମନା କରନ୍ତି କାହିଁକି ?

(ଘ) ମରୁଜ ପ୍ରାଣୀ କିପରି ମରୁଭୂମିରେ ବାସ କରନ୍ତି ?

(ଙ) ଭିଟାମିନ୍ -B ଅନ୍ତର୍ଗତ ଭିଟାମିନ୍ ଗୁଡ଼ିକର ନାମ ଲେଖି ସେମାନଙ୍କ ମଧ୍ୟରୁ ଅତ୍ୟନ୍ତ ଉପଯୋଗୀ ଭିଟାମିନ୍ ବିଷୟରେ ଲେଖ ।

(ଚ) ଜିରା, ସୋରିଷ ଓ ମେଥିକୁ କିପରି ପୃଥକ୍ କରାଯାଏ ବର୍ଣ୍ଣନା କର ।

୧୦. ଯେକୌଣସି ୩ଟି ପ୍ରଶ୍ନର ଉତ୍ତର ଲେଖ । ୬ × ୩ = ୧୮

(କ) ପରିସ୍ଥାନ କ'ଣ ? ପରିସ୍ଥାନର ଜୈବିକ କାରକ ବିଷୟରେ ଉଦାହରଣ ସହ ଲେଖ ।

(ଖ) ଶ୍ୱେତସାର ଜାତୀୟ ଖାଦ୍ୟର ଉତ୍ସ ଓ ତା'ର ଦୁଇଟି କାର୍ଯ୍ୟ ଲେଖ । ଶ୍ୱେତସାର ଜାତୀୟ ଖାଦ୍ୟ କିପରି ଚିହ୍ନିବା ଏକ ସରଳ ପରୀକ୍ଷା ଦ୍ୱାରା ବୁଝାଅ ।

(ଗ) ଖାଦ୍ୟାଭ୍ୟାସ ଅନୁସାରେ ଉଦାହରଣ ସହ ପ୍ରାଣୀମାନଙ୍କର ଶ୍ରେଣୀ ବିଭାଗ ବିଷୟରେ ଲେଖ ।

(ଘ) ବସ୍ତୁର ଦୁଇଟି ମୌଳିକ ଗୁଣ ଲେଖ । ବସ୍ତୁର ଶ୍ରେଣୀ ବିଭାଗ କରିବା ସମୟରେ କେଉଁ କେଉଁ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ ?

(ଙ) ଜୀବର ଚଳନ କିପରି ହୁଏ ସଚିତ୍ର ବର୍ଣ୍ଣନା କର ।

୧୧. ପ୍ରକଳ୍ପ କାର୍ଯ୍ୟ । ୧୦

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ଷଷ୍ଠ　　　　ବିଷୟ : ଇତିହାସ ଓ ରାଜନୀତି ବିଜ୍ଞାନ

ସମୟ : ୧ଘଣ୍ଟା　　　　ପୂର୍ଣ୍ଣସଂଖ୍ୟା : ୫୦

୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫୦ଟି ଶବ୍ଦ ମଧ୍ୟରେ ଲେଖ । ୫ × ୨ = ୧୦

(କ) ଇତିହାସ ପଠନର ଉପାଦେୟତା ବିଷୟରେ ଲେଖ ।

କିମ୍ବା

ହରପ୍ପା ସଭ୍ୟତାର ପତନର କାରଣଗୁଡ଼ିକ କ'ଣ ? କେଉଁ କାରଣଟିକୁ ଅଧିକ ଦାୟୀ ମନେ କରୁଛ ଓ କାହିଁକି ?

(ଖ) ଆଦିମାନବ କେଉଁ ପଶୁମାନଙ୍କୁ ପାଳୁଥିଲା ଓ ସେହି ପଶୁମାନଙ୍କଠାରୁ କି ପ୍ରକାର ସୁବିଧା ପାଉଥିଲା ?

କିମ୍ବା

ବୁରଜାହମ୍‌ରେ ଆବିଷ୍କୃତ ନୂତନ ପ୍ରସ୍ତର ଯୁଗ ସମ୍ବନ୍ଧରେ ଲେଖ ।

୨. ଦୁଇଟି ବାକ୍ୟରେ ଉତ୍ତର ଦିଅ । ୨ × ୫ = ୧୦

(କ) ସଂକୀର୍ଣ୍ଣ ଗିରିପଥ ଦେଇ କେଉଁମାନେ ଭାରତକୁ ଆସିଛନ୍ତି ଏବଂ ସେମାନେ କେଉଁ କ୍ଷେତ୍ରରେ ଆମ ସଂସ୍କୃତିକୁ ପ୍ରଭାବିତ କରିଛନ୍ତି ?

କିମ୍ବା

ସମୟ ଅନୁସାରେ ଇତିହାସକୁ କେତେ ଭାଗରେ ବିଭକ୍ତ କରାଯାଇଛି ଓ କ'ଣ କ'ଣ ?

(ଖ) ନୂତନ ପ୍ରସ୍ତର ଯୁଗର ଲୋକମାନେ ପ୍ରକୃତିର କିପରି ଉପାସକ ଥିଲେ ?

କିମ୍ବା

ପ୍ରସ୍ତର ଯୁଗକୁ କେତେ ଭାଗରେ ବିଭକ୍ତ କରାଯାଇଛି ଓ କ'ଣ କ'ଣ ?



https://ssvmkalamachhuin.in/

(ଗ) ନୂତନ ପ୍ରସ୍ତର ଯୁଗର ଲୋକମାନେ ପ୍ରଥମେ କେଉଁ କେଉଁ ଶସ୍ୟ ଚାଷ ଆରମ୍ଭ କରିଥିଲେ ? ଫସଲ କାଟିବା ପାଇଁ କ'ଣ ବ୍ୟବହାର କରିଥିଲେ ?

କିମ୍ବା

ଗର୍ଭଗୃହ କେଉଁଠାରେ ଦେଖିବାକୁ ମିଳୁଥିଲା ? ଏହି ଗୃହକୁ ନୂତନ ପ୍ରସ୍ତର ଯୁଗର ଲୋକମାନେ କେଉଁଥିପାଇଁ ବ୍ୟବହାର କରୁଥିଲେ ?

(ଘ) ମହେଞ୍ଜୋଦାରୋ ନଗରର ସଭାଗୃହ କେତେଗୋଟି କୋଠରି ବିଶିଷ୍ଟ ? ଏହା କେଉଁଥି ପାଇଁ ବ୍ୟବହୃତ ହେଉଥିଲା ?

କିମ୍ବା

ହରପ୍ପା ସଭ୍ୟତାର ଲେକମାନେ କେଉଁ କେଉଁ ଶିଳ୍ପରେ ନିପୁଣ ଥିଲେ ? ସେମାନଙ୍କର ପ୍ରଧାନ ଶିଳ୍ପ କ'ଣ ଥିଲା ?

(ଙ) ଉପନିଷଦ କ'ଣ ? ଏଥିରେ କେଉଁ ବିଷୟରେ ଲେଖା ହୋଇଛି ?

କିମ୍ବା

ବେଦର ଅନ୍ୟ ନାମ କ'ଣ ? ଏହା କେତୋଟି ମଣ୍ଡଳରେ ବିଭକ୍ତ ?

୩. ଗୋଟିଏ ବାକ୍ୟରେ ଉତ୍ତର ଲେଖ । ୧ × ୫ = ୫

(କ) ଭାରତ ପୃଥିବୀର କେଉଁ ଭାଗରେ ଅବସ୍ଥିତ ?

(ଖ) ଆମ ଦେଶର କେଉଁ ରାଜ୍ୟରେ ପାଣ୍ଡାରାମ ଆଦିବାସୀ ଦେଖାଯାନ୍ତି ?

(ଗ) ମନୁଷ୍ୟ ପ୍ରଥମେ କେଉଁ ଅଞ୍ଚଳରେ ସ୍ଥାୟୀ ବସବାସ କରି ରହିଲା ?

(ଘ) ହରପ୍ପା ସଭ୍ୟତାର ମୁଖ୍ୟ ବୈଶିଷ୍ଟ୍ୟ କ'ଣ ?

(ଙ) ଇରାନର ପ୍ରାଚୀନ ଗ୍ରନ୍ଥର ନାମ କ'ଣ ?



https://ssvmkalamachhuin.in/

୪. ଶୂନ୍ୟସ୍ଥାନ ପୂରଣ କର । ୧ × ୩ = ୩

(କ) ମଣିଷ ପ୍ରଥମେ ________ ଧାତୁର ବ୍ୟବହାର ଜାଣିଥିଲା ।

(ଖ) ହରପ୍ପା ସହରଟି ବର୍ତ୍ତମାନ ________ ଦେଶରେ ଅବସ୍ଥିତ ।

(ଗ) ସପ୍ତସିନ୍ଧୁ ଅଞ୍ଚଳକୁ ________ ନାମରେ ଅଭିହିତ କରାଯାଇଥିଲା ।

୫. ରେଖାଙ୍କିତ ପଦ ବଦଳାଇ ଭ୍ରମ ସଂଶୋଧନ କର । ୧ × ୪ = ୪

(କ) ପ୍ରାକୃତିକ ଗଠନର ବିବିଧତା ଅନୁସାରେ ଭାରତକୁ ୫ ଗୋଟି ଅଞ୍ଚଳରେ ବିଭକ୍ତ କରାଯାଇଛି ।

(ଖ) ଆଦିମ ମାନବ ଦ୍ଵାରା ଶକ୍ତ ପଥରରେ ତିଆରି ହାତୁଡ଼ି କର୍ଣ୍ଣାଟକରୁ ଆବିଷ୍କୃତ ହୋଇଛି ।

(ଗ) ମହେଞ୍ଜୋଦାରୋର ବାସଗୃହ ଗୁଡ଼ିକ କଞ୍ଚାଇଟାରେ ତିଆରି ।

(ଘ) ଅଥର୍ବ ବେଦରେ ସୋମରସ ଓ ସୁରାକୁ ପାନୀୟ ରୂପେ ବ୍ୟବହାର କରୁଥିବା ଉଲ୍ଲେଖ ଅଛି ।

୬. କାଳର କ୍ରମ ଅନୁସାରେ ସଜାଇ ଲେଖ । ୨

ଚକର ବ୍ୟବହାର, ଚାଷକାର୍ଯ୍ୟ, ମାଟିପାତ୍ର, ପଶୁପାଳନ

୭. ସ୍ତମ୍ଭ ମିଳନ କର । ୧ × ୨ = ୨

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| ଚକ | କୌଟିଲ୍ୟ |
| ଲୋଥାଲ୍ | ପରିବହନ |
| | ପୋତାଶ୍ରୟ |



https://ssvmkalamachhuin.in/

# ରାଜନୀତି ବିଜ୍ଞାନ

୮. ଦୁଇଟି ବାକ୍ୟରେ ଉତ୍ତର ଦିଅ । ୨ × ୩ = ୬

(କ) ଜନଜାତି କହିଲେ ଆମେ କାହାକୁ ବୁଝୁ ? ଏମାନଙ୍କୁ ଇଂରାଜୀରେ କ'ଣ କୁହାଯାଏ ?

କିମ୍ବା

ପରିବାରର କାର୍ଯ୍ୟଗୁଡ଼ିକ ଲେଖ ।

(ଖ) ସାର୍ବଭୌମତ୍ୱକୁ କେତେ ଭାଗରେ ବିଭକ୍ତ କରାଯାଇଛି ଓ କ'ଣ ?

କିମ୍ବା

ରାଷ୍ଟ୍ରର ଦୁଇଟି ଇଚ୍ଛାଧୀନ କାର୍ଯ୍ୟ ସଂପର୍କରେ ଲେଖ ।

(ଗ) ରାଷ୍ଟ୍ରକୁ କେତେ ଭାଗରେ ବିଭକ୍ତ କରାଯାଇଛି ଓ କ'ଣ କ'ଣ ?

କିମ୍ବା

କେଉଁ ଆଦିବାସୀଙ୍କ ନିଜସ୍ୱ ଲିପି ଅଛି ? ତା'ର ଭାଷା କ'ଣ ?

୯. ଗୋଟିଏ ବାକ୍ୟରେ ଉତ୍ତର ଲେଖ । ୧ × ୩ = ୩

(କ) କାହାକୁ ନେଇ ଗୋତ୍ର ସୃଷ୍ଟି ହୁଏ ?

(ଖ) ଭଗବାନଙ୍କ ଦ୍ୱାରା ରାଷ୍ଟ୍ର ସୃଷ୍ଟି ? ଏହି ମତକୁ କ'ଣ କୁହାଯାଏ ?

(ଗ) କ୍ଷୁଦ୍ରତମ ସାମାଜିକ ଅନୁଷ୍ଠାନ କ'ଣ ?

୧୦. ପ୍ରକଳ୍ପ କାର୍ଯ୍ୟ : ୫

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

**ଶ୍ରେଣୀ : ଷଷ୍ଠ** | **ବିଷୟ : ଭୂଗୋଳ**

**ସମୟ : ୧ ଘଣ୍ଟା** | **ପୂର୍ଣ୍ଣସଂଖ୍ୟା : ୫୦**

ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

୧. ସୌରଜଗତ କାହାକୁ କୁହାଯାଏ ? ଏଥିରେ ଥିବା ଗ୍ରହମାନଙ୍କର ନାମ ଲେଖି ଏମାନଙ୍କ ମଧ୍ୟରୁ କେଉଁ ଗ୍ରହ ଦ୍ୱୟ ସୂର୍ଯ୍ୟଙ୍କ ଚାରିପଟେ ପୂର୍ବରୁ ପଶ୍ଚିମକୁ ପ୍ରଦକ୍ଷିଣ କରିଥା'ନ୍ତି ? ୫

କିମ୍ବା

ପୃଥିବୀର ପରିକ୍ରମଣ ଗତି ବିଷୟରେ ଲେଖ ।

୨. ପୃଥିବୀର ଦ୍ୱିତୀୟ ବୃହତ୍ତମ ମହାସାଗର ନାମ କ'ଣ ? ଏହାର ଆକୃତି ଓ ଏହାକୁ ଲାଗିଥିବା ମହାଦେଶମାନଙ୍କର ନାମ ଲେଖ ।

କିମ୍ବା ୫

ଆଫ୍ରିକାର ଅଧିବାସୀମାନଙ୍କର ପ୍ରଧାନ ଜୀବିକା ବିଷୟରେ ବର୍ଣ୍ଣନା କର ।

୩. ଭୌଗୋଳିକ କାରଣ ଦର୍ଶାଅ । ୨ × ୨ = ୪

କ) ଆମେ ସର୍ବଦା ଚନ୍ଦ୍ରର ଗୋଟିଏ ପାର୍ଶ୍ୱ ହିଁ ଦେଖିଥାଉ ।

କିମ୍ବା

ହିମ ମଣ୍ଡଳର ଉତ୍ତାପ ସବୁଠାରୁ କମ୍ ?

ଖ) ପାମିର ମାଳଭୂମିକୁ ପାମିରଗ୍ରନ୍ଥି କୁହାଯାଏ ।

କିମ୍ବା

ପୃଥିବୀର ଉଭୟ କ୍ରାନ୍ତି ବୃତ୍ତର ମଧ୍ୟବର୍ତ୍ତୀ ଅଞ୍ଚଳ ଅଧିକ ଉତ୍ତପ୍ତ ।



https://ssvmkalamachhuin.in/

୪. ପାର୍ଥକ୍ୟ ଦର୍ଶାଅ । ୨ × ୨ = ୪

କ) ବାୟୁମଣ୍ଡଳ ଓ ବାରିମଣ୍ଡଳ

କିମ୍ବା

ଟାଇଗା ଓ ତୁନ୍ଦ୍ରା ଉଦ୍ଭିଦ

ଖ) ଅନସ୍ୱର ଅବସ୍ଥାନ ଓ ଅପସ୍ୱର ଅବସ୍ଥାନ

କିମ୍ବା

ନକ୍ଷତ୍ର ଓ ନୀହାରିକା

୫. ସଂକ୍ଷେପରେ ଉତ୍ତର ଦିଅ । ୨ × ୩ = ୬

କ) ଗ୍ରହାଣୁପୁଞ୍ଜ କାହାକୁ କୁହାଯାଏ ?

କିମ୍ବା

ପ୍ରାସଙ୍ଗିକ ମାନଚିତ୍ର କାହାକୁ କୁହାଯାଏ ?

ଖ) ଆଟଲାଣ୍ଟିକ ମହାସାଗର ତଟଦେଶରେ ଅନେକ ପୋତାଶ୍ରୟ ଦେଖାଯାଏ କାହିଁକି ?

କିମ୍ବା

କେଉଁ ଦୁଇଦିନ ସମଦିବାରାତ୍ର ଦିବସ ରୂପେ ପରିଚିତ ?

ଗ) ପୃଥିବୀର ଆବର୍ତ୍ତନ ବେଗ କେଉଁଠାରେ ସର୍ବାଧିକ ?

କିମ୍ବା

ଆଫ୍ରିକା ମହାଦେଶର ଉତ୍ତର-ପଶ୍ଚିମ ଭାଗରେ କେଉଁ ପର୍ବତମାଳା ଅବସ୍ଥିତ ?

୬. ଗୋଟିଏ ବାକ୍ୟରେ ଉତ୍ତର ଲେଖ । ୧ × ୩ = ୩

କ) ମଙ୍ଗଳ ଗ୍ରହର ଆବର୍ତ୍ତନ ସମୟ କେତେ ଦିନ ?

ଖ) ରୁଷିଆରେ କେତୋଟି ପ୍ରମାଣ ସମୟ ଅଛି ?

ଗ) କେଉଁ ମାନଚିତ୍ରରେ ସବିଶେଷ ବିବରଣୀ ମିଳି ନ ଥାଏ ?



https://ssvmkalamachhuin.in/

. ବାମ ପାର୍ଶ୍ୱର ସମ୍ପର୍କ ଦେଖି ଦକ୍ଷିଣ ପାର୍ଶ୍ୱର ସମ୍ପର୍କ ଲେଖ। ୧ × ୩ = ୩

କ) ଦିନରାତି : ଆବର୍ତ୍ତନ :: ଋତୁ ପରିବର୍ତ୍ତନ : __________ ।

ଖ) ଜଳଭାଗ : ୭୧% :: ସ୍ଥଳଭାଗ : __________ %।

ଗ) ହିମାଳୟ : ଏଭେରେଷ୍ଟ :: K2 : __________ ।

୮. ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ୧ × ୩ = ୩

କ) ନିମ୍ନୋକ୍ତ ମଧ୍ୟରୁ କେଉଁ ଜୀବଟି ଉତ୍ତର ଆମେରିକାର ତୁନ୍ଦ୍ରାଞ୍ଚଳରେ ଦେଖାଯାଏ ନାହିଁ ?

(i) ୱାଲରସ (ii) ସିଲ୍

(iii) ଧଳା କୋକିଶିଆଳୀ (iv) ଧଳାଭାଲୁ

ଖ) ନିମ୍ନୋକ୍ତ ମଧ୍ୟରୁ କେଉଁଟି ଆଫ୍ରିକାର ଏକ ପ୍ରଧାନ ସହର ଅଟେ ?

(i) ୱାଶିଂଟନ (ii) ନିଉୟର୍କ

(iii) ଅଟାୱା (iv) ଜୋହାନସ୍‌ବର୍ଗ

ଗ) ନିମ୍ନୋକ୍ତ ମଧ୍ୟରୁ କେଉଁ ଦେଶ ସହିତ ଭାରତର ସ୍ଥଳସୀମା ଲାଗି ରହିଛି ?

(i) ଜାପାନ (ii) ଇରାନ

(iii) ଦକ୍ଷିଣ କୋରିଆ (iv) ଚୀନ

୯. ଶୂନ୍ୟସ୍ଥାନ ପୂରଣ କର। ୧ × ୩ = ୩

କ) ସୂର୍ଯ୍ୟ ଉଦୟଠାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ସମୟକୁ __________ କୁହାଯାଏ।

ଖ) ପ୍ରାକୃତିକ ମାନଚିତ୍ରରେ ହାଲୁକା ନୀଳରଙ୍ଗ __________କୁ ସୂଚାଇଥାଏ।

ଗ) ଉତ୍ତର ଓ ପୂର୍ବ ଦିଗର ମଧ୍ୟବର୍ତ୍ତୀ ଦିଗଟି ହେଉଛି __________ ।



https://ssvmkalamachhuin.in/

୧୦. କେଉଁଟି ଭୌଗୋଳିକ ଦୃଷ୍ଟିକୋଣରୁ ଅଲଗା ? ୧ × ୩ = ୩

କ) ନକ୍ଷତ୍ର, ଉପଗ୍ରହ, ବିଶ୍ୱବ୍ରହ୍ମାଣ୍ଡ, ଉଲ୍‌କା

ଖ) କର୍କଟକ୍ରାନ୍ତି, ମକରକ୍ରାନ୍ତି, ସୁମେରୁ, କୁମେରୁବୃତ୍ତ

ଗ) ଅକ୍ଷାଂଶ ମଣ୍ଡଳ, ଜୈବମଣ୍ଡଳ, ବାରିମଣ୍ଡଳ, ଅଶ୍ମମଣ୍ଡଳ

୧୧. ସ୍ତମ୍ଭ ମିଳନ କର । ୧ × ୩ = ୩

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ମାରିଆନା | ନଦୀ |
| ମନୁଷ୍ୟର ଆବଶ୍ୟକତା ପୂରଣ କରୁଥିବା ପଦାର୍ଥ | ପୃଥିବୀର ଛାତ |
| ସ୍ୱାଲଉଇନ | ସାମୁଦ୍ରିକ ଖାତ |

୧୨. କାହିଁକି ପ୍ରସିଦ୍ଧ ଲେଖ । ୧ × ୩ = ୩

କ) ନୂଆଦିଲ୍ଲୀ

ଖ) କାଇରୋ

ଗ) ୱାଶିଂଟନ ଡି.ସି.

୧୩. ପ୍ରକଳ୍ପ କାର୍ଯ୍ୟ ୫

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ଷଷ୍ଠ | ବିଷୟ : ସାଧାରଣଜ୍ଞାନ

ସମୟ : ୧ଘଣ୍ଟା | ପୂର୍ଣ୍ଣସଂଖ୍ୟା : ୫୦

ପ୍ରତ୍ୟେକ ପ୍ରଶ୍ନ ନିମନ୍ତେ ଚାରିଗୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ଠିକ୍ ଉତ୍ତରକୁ ବାଛି ଶିଶୁ ଭାଇଭଉଣୀମାନେ **OMR Answer Sheet** ରେ ଦିଆଯାଇଥିବା ଗୋଲକୁ କଳା କିମ୍ବା ନୀଳ ରଙ୍ଗର ବଲ୍‌ପେନ୍‌ରେ କଳା/ନୀଳ କରିବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ସମାନ । ୧ × ୫୦ = ୫୦

୧. ପଞ୍ଚନଦୀର ରାଜ୍ୟ କାହାକୁ କୁହାଯାଏ ?

(A) ହିମାଚଳ ପ୍ରଦେଶ (B) ପଞ୍ଜାବ (C) ହରିୟାଣା (D) ଉତ୍ତରପ୍ରଦେଶ

୨. ସେଣ୍ଟ୍ରାଲ ରେଲୱେର ମୁଖ୍ୟ କାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ?

(A) କେରଳ (B) ମୁମ୍ବାଇ (C) ଲକ୍ଷ୍ନୌ (D) ବେଙ୍ଗାଲୋର

୩. ତିରୁପତି ମନ୍ଦିର କେଉଁ ପ୍ରଦେଶରେ ଅବସ୍ଥିତ ?

(A) ତାମିଲନାଡୁ (B) ତେଲେଙ୍ଗାନା (C) କେରଳ (D) ଆନ୍ଧ୍ରପ୍ରଦେଶ

୪. ଭାରତର କେଉଁ ରାଜ୍ୟରେ ପ୍ରଥମେ ସୂର୍ଯ୍ୟ ଉଦୟ ହୁଅନ୍ତି ?

(A) ଅରୁଣାଚଳ ପ୍ରଦେଶ (B) ସିକିମ (C) ମଣିପୁର (D) ତ୍ରିପୁରା

୫. କେଉଁ ପ୍ରଥମ ଭାରତୀୟ ମହିଳା ଏଭରେଷ୍ଟ ଆରୋହଣ କରିଥିଲେ ?

(A) ପ୍ରେମଲତା ଅଗ୍ରୱାଲ (B) ଅରୁଣିମା ସିହ୍ନା (C) ବଚେନ୍ଦ୍ରୀ ପାଲ (D) ଶିବାଙ୍ଗୀ ପାଠକ

୬. ଭାରତର ପ୍ରଥମ ନୋବେଲ ପୁରସ୍କାର ବିଜେତା କିଏ ?

(A) କୈଳାସ ସତ୍ୟାର୍ଥୀ (B) ସି.ଭି.ରମଣ (C) ଏଚ.ସି.ଖୁରାନା (D) ରବୀନ୍ଦ୍ରନାଥ ଠାକୁର

୭. ଦାଦାସାହେବ ଫାଲକେ ପୁରସ୍କାର ପାଇଥିବା ପ୍ରଥମ ଭାରତୀୟ କିଏ ?

(A) ମିହିରସେନ (B) ବିନୋଦ ଖାନ୍ନା (C) ମନୋଜ କୁମାର (D) ଜି.ଶଙ୍କର କୁରୁପ

୮. ପୃଥିବୀର ଗଭୀରତମ ହ୍ରଦର ନାମ କ'ଣ ?

(A) ଗ୍ରାସବର୍ଗ (ଇଣ୍ଡୋନେସିଆ) (B) ବୈକାଲ (C) ମାଣ୍ଡାନୋ (D) ଚିଲିକା

୯. ପୃଥିବୀର ବୃହତ୍ତମ ମରୁଭୂମିର ନାମ କ'ଣ ?

(A) ଥର୍ (B) ସାହାରା (C) ପାଟାଗୋନିଆ (D) ଆଟାକାମା

୧୦. ପୃଥିବୀର ସର୍ବବୃହତ୍ ଲୁଣାହ୍ରଦ କିଏ ?

(A) ଚିଲିକା (B) ଭାନ୍ (C) କାସ୍ପିଆନ ସାଗର (D) ଲୋନାର



https://ssvmkalamachhuin.in/

୧୧. ପୃଥିବୀର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର କିଏ ?

(A) ନେପାଳ (B) ଭାରତ (C) ଆମେରିକା (D) ଜାପାନ

୧୨. ଆନନ୍ଦମଠ ପୁସ୍ତକର ରଚୟିତାଙ୍କ ନାମ କ'ଣ ?

(A) ବଙ୍କିମଚନ୍ଦ୍ର ଚାଟାର୍ଜୀ (B) ରବୀନ୍ଦ୍ର ନାଥ ଠାକୁର (C) ଭଗିନୀ ନିବେଦିତା (D) ଅଶ୍ୱଘୋଷ

୧୩. ହର୍ଷଚରିତ ପୁସ୍ତକର ରଚୟିତା କିଏ ?

(A) କାଳିଦାସ (B) ରାମକୃଷ୍ଣ (C) ବିବେକାନନ୍ଦ (D) ବାଣଭଟ୍ଟ

୧୪. 'ଅନହାପି ଇଣ୍ଡିଆ' ପୁସ୍ତକର ରଚୟିତା କିଏ ?

(A) ଲାଲା ଲଜପତରାୟ (B) ବାଲ ଗଙ୍ଗାଧର ତିଲକ (C) ବିପିନ ଚନ୍ଦ୍ର ପାଲ (D) କେହି ନୁହନ୍ତି

୧୫. 'ଇଣ୍ଡିଆନ ଇଣ୍ଡିପେଣ୍ଡେଣ୍ଟସ' ପୁସ୍ତକର ରଚୟିତା କିଏ ?

(A) ମୌଲାନା ଆଜାଦ (B) ରାମଚନ୍ଦ୍ର ଗୁହା (C) ଭି.ଡି.ସାବରକର (D) ରବୀନ୍ଦ୍ରନାଥ ଠାକୁର

୧୬. 'ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ସଭାପତି କିଏ ଥିଲେ ?

(A) ଉମେଶ ଚନ୍ଦ୍ର ବାନାର୍ଜୀ (B) ଦାଦା ଭାଇ ନାରୋଜି (C) ବି.ତୟବଜି (D) ଏ.ଓ.ହ୍ୟୁମ

୧୭. ଗାୟତ୍ରୀ ମହାମନ୍ତ୍ର କାହାଦ୍ୱାରା ରଚନା କରାଯାଇଛି ?

(A) ବଶିଷ୍ଠ (B) ବିଶ୍ୱାମିତ୍ର (C) ଆର୍ଯ୍ୟଭଟ୍ଟ (D) ବ୍ୟାସଦେବ

୧୮. ପ୍ରଥମ ବିଶ୍ୱଯୁଦ୍ଧ କେବେ ହୋଇଥିଲା ?

(A) ୧୯୩୯-୪୫ (B) ୧୯୩୮-୪୫ (C) ୧୯୧୪-୧୮ (D) ୧୯୧୪-୧୯୧୯

୧୯. ପୁରୀ ଜଗନ୍ନାଥ ମନ୍ଦିର କିଏ ନିର୍ମାଣ କରିଥିଲେ ?

(A) ନରସିଂହଦେବ (B) ଯଯାତି କେଶରୀ (C) ଉଦ୍ୟୋତ କେଶରୀ (D) ନରସିଂହ ଦେବ

୨୦. ଦିଲ୍ଲୀର ଶେଷ ହିନ୍ଦୁ ରାଜା କିଏ ଥିଲେ ?

(A) ଅଙ୍ଗପାଲ ତୋମାର (B) ପୃଥ୍ୱୀରାଜ ଚୌହାନ (C) ମହାରାଣା ପ୍ରତାପ (D) ଛତ୍ରପତି ଶିବାଜୀ

୨୧. ସୂର୍ଯ୍ୟୋଦୟର ଦେଶ କାହାକୁ କୁହନ୍ତି ?

(A) ଜାପାନ (B) ନରୱେ (C) ଚୀନ (D) ତାଇୱାନ

୨୨. ପୃଥିବୀର ଛାତ କାହାକୁ କୁହନ୍ତି ?

(A) ହିମାଳୟ (B) ସିଆଚିନ (C) ପାମିର (D) କୈଳାସ

୨୩. ଉଦଜାନ କିଏ ଆବିଷ୍କାର କରିଥିଲେ ?

(A) ହୋମି ଭାବା (B) ନିଉଟନ (C) ଆର୍କିମେଡିସ (D) କ୍ୟାଭେଣ୍ଡିସ୍

୨୪. ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥାନ କେଉଁଠାରେ ଅବସ୍ଥିତ ?

(A) ମଥୁରା (B) ଦ୍ୱାରିକା (C) ଗୟା (D) ଅଯୋଧ୍ୟା



https://ssvmkalamachhuin.in/

୨୫. ସମୁଦ୍ରର ଗଭୀରତା କେଉଁ ଯନ୍ତ୍ରଦ୍ୱାରା ମପାଯାଏ ?

(A) ଆନିମୋମିଟର (B) ବାରୋମିଟର (C) ପାଥାମିଟର (D) ହାଇଡ୍ରୋମିଟର

୨୬. ଓଡ଼ିଶାର ପ୍ରସିଦ୍ଧ ନୃତ୍ୟ ନାମ କ'ଣ ?

(A) କଥକ (B) ଛଉ (C) ଓଡ଼ିଶୀ (D) ବିହୁ

୨୭. ଗୁଜୁରାଟ ରାଜ୍ୟର ରାଜଧାନୀର ନାମ କ'ଣ ?

(A) ଭୁବନେଶ୍ୱର (B) ଗାନ୍ଧୀନଗର (C) କୋଲକତା (D) ଚଣ୍ଡିଗଡ଼

୨୮. କେଦାରନାଥ ଜ୍ୟୋତିର୍ଲିଙ୍ଗ କେଉଁ ରାଜ୍ୟରେ ଅବସ୍ଥିତ ?

(A) ଗୁଜୁରାଟ (B) ମଧ୍ୟପ୍ରଦେଶ (C) ତାମିଲନାଡୁ (D) ଉତ୍ତରାଖଣ୍ଡ

୨୯. କେଉଁ ସୂର୍ଯ୍ୟବଂଶୀ ରାଜାଙ୍କ ପ୍ରୟାସରେ ଭାରତ-ଭୂମି ଉପରେ ଗଙ୍ଗା ଅବତରଣ କରିଥିଲେ ?

(A) ଭଗୀରଥ (B) ରାମଚନ୍ଦ୍ର (C) ଦଶରଥ (D) ଭରତ

୩୦. 'ବନ୍ଦେ ମାତରମ' ଗୀତଟି କେଉଁ ପୁସ୍ତକରେ ଅଛି ?

(A) ଆନନ୍ଦ ପୁସ୍ତକ (B) ଆନନ୍ଦ ମଠ (C) କୁମାର ସମ୍ଭବମ (D) ମାଟିର ମଣିଷ

୩୧. ଭଗବାନ ବୁଦ୍ଧଙ୍କର ଜନ୍ମତିଥି କେବେ ?

(A) ଚୈତ୍ର ଶୁକ୍ଳ ତ୍ରୟୋଦଶୀ (B) ବୈଶାଖ ପୂର୍ଣ୍ଣିମା (C) ଆଶ୍ୱିନ ଶୁକ୍ଳ ପୂର୍ଣ୍ଣିମା (D) ପୌଷ ଶୁକ୍ଳ ସପ୍ତମୀ

୩୨. ଆରାବଳୀ ପର୍ବତମାଳା କେଉଁ ରାଜ୍ୟରେ ଅବସ୍ଥିତ ?

(A) ଓଡ଼ିଶା (B) ମହାରାଷ୍ଟ୍ର (C) ଗୁଜୁରାଟ (D) ରାଜସ୍ଥାନ

୩୩. ପାଣ୍ଡବମାନଙ୍କ ରାଜଧାନୀର ନାମ କ'ଣ ଥିଲା ?

(A) ଇନ୍ଦ୍ରପ୍ରସ୍ଥ (B) ବିଜୟନଗର (C) ପାଟଳୀପୁତ୍ର (D) ଗୟା

୩୪. ଧନ୍ୱନ୍ତରୀ କେଉଁ ବିଷୟର ଜନ୍ମଦାତା ଥିଲେ ?

(A) ଜ୍ୟୋତିଷ ଶାସ୍ତ୍ର (B) ତର୍କ ଶାସ୍ତ୍ର (C) ଆୟୁର୍ବେଦ (D) ଅର୍ଥ ଶାସ୍ତ୍ର

୩୫. କେଉଁ ନଦୀକୁ ସୂର୍ଯ୍ୟପୁତ୍ରୀ କୁହାଯାଏ ?

(A) ନର୍ମଦା (B) ଗଙ୍ଗା (C) କାବେରୀ (D) ଯମୁନା

୩୬. ଭାରତର ନୂତନ ସଂସଦ ଭବନର ଉଦ୍‌ଘାଟନ କିଏ କରିଥିଲେ ?

(A) ପ୍ରଧାନମନ୍ତ୍ରୀ (B) ରାଷ୍ଟ୍ରପତି (C) ଗୃହମନ୍ତ୍ରୀ (D) ବାଚସ୍ପତି

୩୭. ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କୁ କିଏ ନିଯୁକ୍ତି କରନ୍ତି ?

(A) ଉପ ରାଷ୍ଟ୍ରପତି (B) ରାଷ୍ଟ୍ରପତି (C) ପ୍ରଧାନମନ୍ତ୍ରୀ (D) ଗୃହମନ୍ତ୍ରୀ

୩୮. ବିଶ୍ୱରେ ସର୍ବବୃହତ୍ ଜନସଂଖ୍ୟା ଥିବା ଦେଶର ନାମ କ'ଣ ?

(A) ଚୀନ (B) କାନାଡ଼ା (C) ଭାରତ (D) ଆମେରିକା

୩୯. ଓଡ଼ିଶାର ଶିମିଳିପାଳ ଜାତୀୟ ଉଦ୍ୟାନ କେଉଁ ଜିଲ୍ଲାରେ ଅବସ୍ଥିତ ?

(A) ବାଲେଶ୍ୱର (B) ଭଦ୍ରକ (C) ମାଲକାନଗିରି (D) ମୟୂରଭଞ୍ଜ



https://ssvmkalamachhuin.in/

୪୦. ବର୍ତ୍ତମାନ ଭାରତର ରେଳମନ୍ତ୍ରୀଙ୍କ ନାମ କ'ଣ ?

(A) ଅଶ୍ୱିନୀ ବୈଷ୍ଣବ (B) ପୀୟୂଷ ଗୋୟଲ୍ (C) ଧର୍ମେନ୍ଦ୍ର ପ୍ରଧାନ (D) ନରେନ୍ଦ୍ର ସିଂ ତୋମାର

୪୧. ବର୍ତ୍ତମାନ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କର ସଭାପତିଙ୍କ ନାମ କ'ଣ ?

(A) ଡଃ. ପ୍ରଦୀପ କୁମାର ସାହୁ (B) ଡଃ. କିଶୋର ଚନ୍ଦ୍ର ମହାନ୍ତି

(C) ଶ୍ରୀ ଲିଙ୍ଗରାଜ ଗୌଡ଼ (D) ଶ୍ରୀମତୀ ଗାୟତ୍ରୀ ବାହିନୀପତି

୪୨. ବର୍ତ୍ତମାନ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କର ସମ୍ପାଦକଙ୍କ ନାମ କ'ଣ ?

(A) ଶ୍ରୀ ଉମେଶଚନ୍ଦ୍ର ଦାଶ (B) ଡଃ. ବସନ୍ତ କୁମାର ପଣ୍ଡା

(C) ଶ୍ରୀ କମଳାକାନ୍ତ ମିଶ୍ର (D) ଶ୍ରୀ ଖଗେଶ୍ୱର ଦାଶ

୪୩. ବିଦ୍ୟା ଭାରତୀ, ପୂର୍ବକ୍ଷେତ୍ରର ମୁଖ୍ୟାଳୟ କେଉଁଠାରେ ଅବସ୍ଥିତ ?

(A) କଟକ (B) କୋଲକତା (C) ଭୁବନେଶ୍ୱର (D) ପାଟନା

୪୪. ଶିକ୍ଷା ବିକାଶ ସମିତି, ଓଡ଼ିଶାକୁ କେତୋଟି ସମ୍ଭାଗରେ ବିଭକ୍ତ କରାଯାଇଛି ?


(A) ୮ (B) ୧୦ (C) ୯ (D) ୧୧

୪୫. ବର୍ତ୍ତମାନ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କର ପ୍ରାନ୍ତ ନିରୀକ୍ଷକଙ୍କ ନାମ କ'ଣ ?

(A) ଶ୍ରୀ ପ୍ରସନ୍ନକୁମାର ସାହୁ (B) ଶ୍ରୀ ଆଶିଷକୁମାର ରଥ


(C) ଶ୍ରୀ ବଳରାମ ସାହୁ (D) ଶ୍ରୀ ପ୍ରସନ୍ନକୁମାର ବିଶ୍ୱାଳ

୪୬. ପରବର୍ତ୍ତୀ ଚିତ୍ରଟିକୁ ବାଛ ।



(A) (B) (C) (D)

୪୭. ପରବର୍ତ୍ତୀ ଚିତ୍ରଟିକୁ ବାଛ ।



(A) (B) (C) (D)

୪୮. 3 : 27 :: 4 : .......?

(A) 64 (B) 49 (C) 125 (D) 216

୪୯. ଯଦି student : classroom :: player : ...............?

(A) football (B) coach (C) playground (D) play

୫୦. 81, 84, 89, 96, ...........? ପରବର୍ତ୍ତୀ ସଂଖ୍ୟାଟିକୁ ବାଛ ।

(A) 101 (B) 102 (C) 104 (D) 105

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ଷଷ୍ଠ　　　　　　　　　　ବିଷୟ : ଚିତ୍ରାଙ୍କନ

ସମୟ : ୧ଘଣ୍ଟା　　　　　　　　　　ପୂର୍ଣ୍ଣସଂଖ୍ୟା : ୫୦

୧. ଏକ ଶାନ୍ତିଧଡିର ଚିତ୍ର ଅଙ୍କନ କର ।

କିମ୍ବା　　　　୨୦

ଏକ ପୂର୍ଣ୍ଣକଳସର ଚିତ୍ର ଅଙ୍କନ କର ।

୨. ପତ୍ର ସହ ଗୋଲାପ ଫୁଲର ଚିତ୍ର ଅଙ୍କନ କରି ରଙ୍ଗ ଦିଅ ।

କିମ୍ବା　　　　୨୫

ପତ୍ର ସହ ପଦ୍ମଫୁଲର ଚିତ୍ର ଅଙ୍କନ କରି ରଙ୍ଗ ଦିଅ ।

୩. ପ୍ରକଳ୍ପ କାର୍ଯ୍ୟ　　　　୫

❖❖❖

https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ଷଷ୍ଠ — ବିଷୟ : ମାତୃଭାଷା

ସମୟ : ୨ଘଣ୍ଟା — ପୂର୍ଣ୍ଣସଂଖ୍ୟା : ୧୦୦

୧. ସୁଲିଖନ । ବିପ୍ଳବୀଙ୍କ ତ୍ୟାଗ ଅବିସ୍ମରଣୀୟ ।

(କ) ଉପରିଲିଖିତ ବାକ୍ୟଟିକୁ ଗାର ମଧ୍ୟରେ ଲେଖ । ୨

(ଖ) ଉପରଲିଖିତ ବାକ୍ୟଟିକୁ ବିନାଗାରରେ ଲେଖ । ୩

୨. ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ । ୫ × ୨ = ୧୦

(କ) ଆମେରିକାର ଲୋକେ କ'ଣ ପାଇଁ ଅଧିକ ବ୍ୟସ୍ତ ?

(ଖ) ଗରିବ ବାଳକଟିର ବେଶଭୂଷା କିପରି ଥିଲା ?

(ଗ) ଆର୍କମେଡିସ୍ କେଉଁ ସକାଶେ ଚିନ୍ତିତ ଥିଲେ ?

୩. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । ୫

(କ) ବର୍ଷାଋତୁକୁ ସକଳ ଋତୁଙ୍କର ସାର ବୋଲି କାହିଁକି କୁହାଯାଇଛି ?

(ଖ) ଶରତଋତୁରେ ନଈକୂଳର ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା କର ।

୪. ଗଦ୍ୟ ବିଭାଗରୁ ଗୋଟିଏ ଓ ପଦ୍ୟ ବିଭାଗରୁ ଗୋଟିଏ ସରଳାର୍ଥ ଲେଖ ।

୫ × ୨ = ୧୦

(କ) ଭାରତର ସଭ୍ୟତା ଓ ଚିନ୍ତାର ଗତି କେତେକ ପରିମାଣରେ ବାହ୍ୟିକ ପ୍ରଭାବରେ ପରିବର୍ତ୍ତିତ ହୋଇଛି ।

କିମ୍ବା

ମହାରାଷ୍ଟ୍ରରେ କ'ଣ ଶିବାଜୀ ପୁନର୍ଜନ୍ମ ଗ୍ରହଣ କଲେ ?

(ଖ) ପ୍ରାଣୀ-ଜୀବନ ଜଳରାଶି
କରୁଣା ଚିତ୍ତରେ ବରଷି ।।

କିମ୍ବା



https://ssvmkalamachhuin.in/

(ଠ) ପାଦ ପୂରଣ କର । ୧

ଅତିଥି ଦେଖି ଭକ୍ତଜନେ

_____________________ ହୃଷ୍ଟ ମନେ ।।

୧୦. ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

୨ × ୫ = ୧୦

ବିଶାଳ ଲିଙ୍ଗରାଜ ମନ୍ଦିର ଓଡ଼ିଆ ଶିଳ୍ପୀର ଅସାଧାରଣ କାରୁକଳାର ନିଦର୍ଶନ । ମନ୍ଦିରଟି ପଞ୍ଚ ରଥାକୃତି ଓ ଏହାର ଉଚ୍ଚତା ୧୪୭ ଫୁଟ । ମନ୍ଦିରର ମୂଳ ଅଂଶ ଚିତ୍ତାକର୍ଷକ କାରୁକାର୍ଯ୍ୟରେ ପରିପୂର୍ଣ୍ଣ । ମନ୍ଦିର ମଧ୍ୟରେ ପ୍ରତିଷ୍ଠିତ ଦେବତା କୃତ୍ତିବାସଙ୍କ ନାମାନୁସାରେ ଭୁବନେଶ୍ୱରକୁ କୃତ୍ତିବାସ କ୍ଷେତ୍ର କୁହାଯାଏ । ଗଙ୍ଗବଂଶର ପ୍ରଥମ ରାଜା ଚୋଡ଼ଗଙ୍ଗ ଦେବଙ୍କଠାରୁ ଆରମ୍ଭ କରି ବିଭିନ୍ନ ଗଙ୍ଗବଂଶୀ ରାଜାମାନଙ୍କ ଦ୍ୱାରା କୃତ୍ତିବାସ ଲିଙ୍ଗରାଜଙ୍କ ସେବା ପୂଜା ଉଦ୍ଦେଶ୍ୟରେ ବହୁ ଜମିବାଡ଼ି ଖଞ୍ଜାଯାଇଛି । ମନ୍ଦିର ଗାତ୍ରରେ ଖୋଦିତ କାରୁକାର୍ଯ୍ୟ ଓଡ଼ିଶାର ଧର୍ମ, ସାହିତ୍ୟ, ନୃତ୍ୟ, ନାଟ୍ୟ ଓ ଜୀବନ ଯାତ୍ରାର ପରିଚୟ ଦିଏ । ମନ୍ଦିରର ପାର୍ଶ୍ୱଦେବତା ଗଣେଶ, କାର୍ତ୍ତିକେୟ ଏବଂ ପାର୍ବତୀଙ୍କ ମୂର୍ତ୍ତିର ନିର୍ମାଣ କଳା ଅତ୍ୟନ୍ତ ରମଣୀୟ ।

ପ୍ରଶ୍ନାବଳୀ:-

(କ) ଲିଙ୍ଗରାଜ ମନ୍ଦିରର ଗଠନଶୈଳୀ କିପରି ଓ ଏହାର ଉଚ୍ଚତା କେତେ ?

(ଖ) ଭୁବନେଶ୍ୱରକୁ କାହିଁକି କୃତ୍ତିବାସ କ୍ଷେତ୍ର କୁହାଯାଏ ?

(ଗ) କେଉଁ ରାଜାମାନେ ମନ୍ଦିରର ସେବା ପୂଜା ଲାଗି କି ବ୍ୟବସ୍ଥା କରିଥିଲେ ?

(ଘ) ମନ୍ଦିରର କାରୁକାର୍ଯ୍ୟ ଓଡ଼ିଶାର ସଂସ୍କୃତିର କେଉଁ କେଉଁ ଦିଗକୁ ଆଲୋକିତ କରେ ?

(ଙ) କେଉଁ ଦେବଦେବୀ ମନ୍ଦିରର ପାର୍ଶ୍ୱଦେବତା ଭାବେ ଶୋଭିତ ?

୧୧. ପ୍ରକଳ୍ପ କାର୍ଯ୍ୟ । ୧୦

❖❖❖



https://ssvmkalamachhuin.in/

ସିଂହଦ୍ୱାରେ ଗୋପସୁତ,
ଡାକନ୍ତି ଉଠ ଅଚ୍ୟୁତ
କେତେ ନିଦ୍ରା ଯାଉ ତୁ ତ
ଆକାଶେ ଉଦୟ ଦିନକର ହେ ।

୫. ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଗୋଟିଏ ବା ଦୁଇଟି ବାକ୍ୟରେ ଲେଖ । ୨ × ୩ = ୬

(କ) ଭାରତର କେଉଁ କେଉଁ ପ୍ରାଚୀନ କାବ୍ୟ ନାଟକ ଆଦିରେ ଅରଣ୍ୟର କଥା କୁହାଯାଇଛି ?

(ଖ) ଜାନକୀବାଈ କିପରି ପେଟ ପୋଷୁଥିଲା ?

(ଗ) 'ମୋ ଜୀବନର ଅଭୁଲା କଥା' ବିଷୟର ଲେଖକ କିଏ ? ସଂକଳିତ ପାଠ୍ୟାଂଶଟି ତାଙ୍କର କେଉଁ ପୁସ୍ତକରୁ ସଂଗୃହୀତ ?

(ଘ) ସଭରକର ବନ୍ଦୀ ହେବାର କାରଣ କ'ଣ ?

୬. ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ସଂକ୍ଷେପରେ ଲେଖ । ୨ × ୨ = ୪

(କ) ମେଘମାନେ ଶୂନ୍ୟପଥରେ କିପରି ମିଳିତ ହେଲେ ?

(ଖ) ଶ୍ରୀକୃଷ୍ଣ ଅଧିକ ସମୟ ଶୋଇପଡ଼ିବାର କାରଣ କ'ଣ ?

(ଗ) 'ଶରତ-ନଈ-କୂଳେ' କବିତାର କବି କିଏ ? ଏହା ତାଙ୍କର କେଉଁ କବିତା ପୁସ୍ତକରୁ ସଂଗୃହୀତ ?

୭. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ । ୧୨

(କ) ବ୍ୟାୟାମର ଉପକାରିତା

(ଖ) ସ୍ୱାଧୀନତା ଦିବସ

(ଗ) ବର୍ଷାଋତୁ

(ଘ) ବୃକ୍ଷରୋପଣ

୮. ନୂତନ ପାଠ୍ୟୋପକରଣ କ୍ରୟ ନିମନ୍ତେ ଟଙ୍କା ପଠାଇବା ପାଇଁ ବାପାଙ୍କ ନିକଟକୁ ପତ୍ର ଲେଖ ।

କିମ୍ବା ୮

ରାସ୍ତା ମରାମତି ନିମନ୍ତେ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ।



https://ssvmkalamachhuin.in/

୯. ନିର୍ଦ୍ଦେଶାନୁସାରେ ଉତ୍ତର ଦିଅ ।

(କ) ବାକ୍ୟଗଠନ କର । (୨ଟିର) ୨

ବିଲୟ, ବନ୍ଦୋବସ୍ତ, ମୂଳମନ୍ତ୍ର

(ଖ) ଅର୍ଥ ଲେଖ । (୨ଟିର) ୨

ଉଚ୍ଛୁର, ଅବୈତନିକ, ଶେଫାଳୀ

(ଗ) ଲିଙ୍ଗ ପରିବର୍ତ୍ତନ କର । (୨ଟିର) ୨

ଯୁବକ, ଋଷି, ତପସ୍ୱୀ

(ଘ) ସନ୍ଧିବିଚ୍ଛେଦ କର । (୨ଟିର) ୨

ବାଲ୍ୟାବସ୍ଥା, ନିରୁଦ୍ଦେଶ୍ୟ, ଦୁର୍ବିପାକ

(ଙ) 'ସାଇପଡ଼ିଶା' ପରି ୨ଟି ଯୁଗ୍ମଶବ୍ଦ ଲେଖ । ୨

(ଚ) ଗୋଟିଏ ଶବ୍ଦରେ ଲେଖ । (୨ଟିର) ୨

ଜଳରୁ ଜାତ ଯେ –

ଯାହା କରିବା ଉଚିତ –

ବିଶେଷ ଭାବରେ ଲୋପ ପାଇଥିବା –

(ଛ) ବାଚ୍ୟ ପରିବର୍ତ୍ତନ କର । ୨

ମୁଁ ଭାତ ଖାଇଲି ।

(ଜ) ଯୌଗିକ ବାକ୍ୟ କାହାକୁ କୁହାଯାଏ ? ୧

(ଝ) ଅର୍ଥଗତ ପାର୍ଥକ୍ୟ ଦର୍ଶାଅ । ୨

ଜୀବ – ଯିବ, ନୀତି – ନିତି

(ଞ) 'ନିଷ୍ପାପ' ଏହି ଶବ୍ଦରେ କେଉଁ ସନ୍ଧିର ପ୍ରୟୋଗ ହୋଇଛି ? ୧

(ଟ) ଯୁକ୍ତବର୍ଣ୍ଣଟିକୁ ବିଶ୍ଳେଷଣ କର । ୧

ଯେପରି କ୍ତ = କ୍ + ତ୍ + ଅ

କ୍ଷ = [ ] + [ ] + [ ]



https://ssvmkalamachhuin.in/

# SHIKSHA VIKASH SAMITI, ODISHA

## HALF YEARLY EXAMINATION: 2023-2024

Class - VI | Sub - English **(W)**

Time - 2 hours | Full marks - 90

1. Answer the following questions. (any four) $3 \times 4 = 12$
   a) The old man said to the boy, "Old man, old man, what makes you so fat?" What was the answer of the oldman?
   b) Why did the old man lose his temper? What did he do with the dog?
   c) What happened when the pudding fell on the Son-in-law's head?
   d) What was the answer of the poorman when the richman said, "How are you?"
   e) When does the baby elephant raise his head to eat?
   f) What do the baby elephants learn to perform puja?

2. Answer the following questions. (any four) $2 \times 4 = 8$
   a) The poet speaks of two situations of kite. What are they?
   b) What did the cat see one day?
   c) Why does the cat hate trains?
   d) How does the boy want to fly to the moon?
   e) Why does the boy want to own a trumpet?
   f) What are the tails of mice like? What do they nibble?

3. Choose the correct answer. $1 \times 5 = 5$
   a) When did the oldman get up?
      (i) at 6 a.m. (ii) at 7 a.m.
      (iii) at 6.30 a.m. (iv) at 8 a.m.



https://ssvmkalamachhuin.in/

b) "They haven't any skin at all" means they have ________

(i) thick skin (ii) very thin skin

(iv) no skin (iv) black skin

c) The son-in-law was not advised to

(i) use big and high sound

(ii) watch the garden

(iii) sit on a high place

(iv) say 'no' to any food given first

d) Who was deaf?

(i) the poor man

(ii) the rich man

(iii) the poor man's son

(iv) the rich man's son

e) 'Mudu Malai' is in ________

(i) Tamilnadu (ii) Odisha

(iii) Karnataka (iv) Kerala

4. Write 'True' or 'False'. $1 \times 5 = 5$

a) The kite is very happy on the ground. ( )

b) Faces of mice are small. ( )

c) After eating the boy, the oldman met a small cat. ( )

d) The mother-in-law praised her son-in-law. ( )

e) The cat was in a box. ( )

5. Write an essay on any one of the followings. 10

(a) Your Mother

(b) The Farmer

(c) Your Pet Dog



https://ssvmkalamachhuin.in/

6. Write an application to your Pradhan Acharya to grant you leave for illness of three days.

OR 6

Write a letter to your friend inviting him/her to attend your sister's marriage.

7. Match 'A' with 'B'. $1 \times 5 = 5$

| A | B |
|---|---|
| Karagudi | ill |
| seriously | bag |
| sweet | elephant |
| gunny | teeth |
| white | voice |

8. Re-arrange the words to make meaningful sentences.

$1 \times 5 = 5$

a) teeth / brushed / have / your / you / ?

b) the / pudding / put / on / she / rice / pot / a / .

c) friend / left / his / with / he / pleasure / great /.

d) fond of / are / and / banana / elephants / sugarcane / .

e) to / detective / want / I / a / be /.

9. Do as directed. $1 \times 10 = 10$

a) I saw ________ one-eyed man. (use a/an)

b) He does not stop at the market.
(Write using contracted form)

c) This pen is Haris (Punctuate the sentence)

d) The girl drew the picture. (Change the voice)

e) He broke his leg. He fell from a tree.
(Join using 'when')

f) Here is the book. You asked for it.
(Join using who / that)



https://ssvmkalamachhuin.in/

g) Kamala said, "I have a doll in my bag."
(Change into indirect)

h) Samaj is an Odia daily newspaper.
(insert 'the' if necessary)

i) Write the plural form of 'foot'.

j) Write the opposite word of 'cruel'.

10. Write the correct form of the verbs in brackets. $1 \times 5 = 5$

a) The girl is ________ now. (dance)

b) They ________ the work yesterday. (do)

c) Manoj has ________ his breakfast. (finish)

d) Mr Mishra ________ an oldman. (be)

e) Cow ________ grass. (eat)

11. Translate into English. (any four) $1 \times 4 = 4$

(କ) ବାଳକମାନେ ପଡ଼ିଆରେ ଖେଳୁଥିଲେ ।

(ଖ) ସୈନିକମାନେ ଯୁଦ୍ଧ କରି ଆସୁଛନ୍ତି ।

(ଗ) ତୁମେ ବଡ଼ ଦୁର୍ବଳ ଦେଖାଯାଉଛ ।

(ଘ) ସୀତା ରଚନାଟିଏ ଲେଖିଲେ ।

(ଙ) ଆମ ଗ୍ରାମ ଏଠାରୁ ୫ କିଲୋମିଟର ।

(ଚ) ଦୟାକରି ତୁମର କଲମଟି ମୋତେ ଦେବ କି ?

12. Good handwriting. 5

"The Ganga is a holy river."

Sentence writing without line.

Sentence writing with line.

13. Project work. 10

❖❖❖



https://ssvmkalamachhuin.in/

# SHIKSHA VIKASH SAMITI, ODISHA

## HALF YEARLY EXAMINATION: 2023-2024

Class - VI | Sub - English (Handwriting)

Name ____________________________________________

Section ____________________ Roll No. ____________________

12. Good Handwriting. 5

"The Ganga is a holy river."

Sentence writing with line.

Sentence writing without line.

❖❖❖

https://ssvmkalamachhuin.in/

# शिक्षा विकाश समिति, ओड़िशा

## अर्द्धवार्षिक परीक्षा: २०२३-२०२४

कक्षा - छठी | विषय - हिन्दी

समय - १ घंटा | पूर्णांक - ५०

१. साफ और सुन्दर हस्ताक्षर (दैनिक सुलिखन से) ५

२. प्रश्नो के उत्तर संक्षेप में लिखिए। (कोई ५ का) २ × ५ = १०

(क) प्रार्थना कविता मे क्या त्यागना चाहिए वोला गया है ?

(ख) गुरु दक्षिणा अर्पण करने से मन मे कौन सी भावना उत्पन्न होती है ?

(ग) भगवा ध्वज किसका प्रतीक है ?

(घ) किसका कभी छुट्टी नही होती ?

(ङ) राष्ट्रीय विज्ञान दिवस कब मनाया जाता है ?

(च) भारतीय विज्ञान अकादमी की स्थापना कब हुई ?

(छ) अम्मा क्या कहती है ?

३. दिए गए किसी एक विषय पर निवंध लिखिए। ५

स्वधीनता दिवस, अपना घर, रक्षाबंधन

४. दिए गए किसी एक विषय पर पत्र अथवा आवेदन पत्र लिखिए। ५

गरमी की छुट्टी में क्या किया उसकी जानकारी देते हुए मित्र को पत्र लिखिए।

अथवा

छुट्टी के लिए प्रधानाचार्यजी को आवेदन पत्र लिखिए।



https://ssvmkalamachhuin.in/

५. निर्देशानुसार इन प्रश्नों का उत्तर दीजिए । २×५=१०

(क) आग, हवा, खाट ( २ का पर्यायवाची शब्द लिखे)

(ख) सम्भव, सूर्योदय, योग्य ( २ का विलोम शब्द लिखिए)

(ग) बच्चा, नदी, पैसा ( २ का वचन वदलिए)

(घ) अर्पण, आदर्श, निर्भय ( २का वाक्य गठन कीजिए)

(ङ) क्रिया किसे कहते हैं ? (उदाहरण के साथ लिखें)

६. हिन्दी में अनुवाद कीजिए । (५का) २×५=१०

(କ) ଓଡ଼ିଶାର ଲୋକ ବଡ଼ ପରିଶ୍ରମୀ ।

(ଖ) ସେମାନେ ନାନା ପ୍ରକାରର କାମ ଜାଣନ୍ତି ।

(ଗ) ସେମାନେ ମନ ଦେଇ କାମ କରନ୍ତି ।

(ଘ) ସେମାନେ ଅତିଥିପ୍ରିୟ ।

(ଙ) ଜଗନ୍ନାଥ ଓଡ଼ିଆ ଜାତିର ଦେବତା ।

(ଚ) ଓଡ଼ିଶାର ଓଡ଼ିଶୀ ନୃତ୍ୟ ଭାରତ ପ୍ରସିଦ୍ଧ ।

(ଛ) ଏଠାକାର ଲୋକେ ବଡ଼ ଧାର୍ମିକ ।

७. प्रकल्प कार्य ५

❖ ❖ ❖



https://ssvmkalamachhuin.in/

# शिक्षाविकाशसमितिः, ओडिशा

## अर्द्धवार्षिकपरीक्षाः २०२३-२०२४

कक्षा - षष्ठी | विषयः - संस्कृतम्

समयः - एका घटिका | पूर्णांकाः - ५०

१. संस्कृतेन एकेन पदेन उत्तरं लिखत। (षर्णाम्) १ × ६ = ६

(क) रामेश्वरं केन प्रतिष्ठितम्?

(ख) के खादन्ति?

(ग) कः राष्ट्रस्य आधारः?

(घ) कः नीलकण्ठः?

(ङ) किं नाम वचनम्?

(च) किं साधूक्तम्?

(छ) कस्याः तटे शृङ्गेरीमठः अस्ति?

२. मातृभाषया अनुवादं कुरुत । (त्रयाणाम्) २ × ३ = ६

(क) पुरीनगरे श्रीजगन्नाथस्य विशालं मन्दिरम् अस्ति।

(ख) वचनं त्रिविधम्।

(ग) कोकिलाः वृक्षेषु कूजन्ति।

(घ) परिवारः एव राष्ट्रस्य आधारः।

३. संस्कृतभाषया अनुवादं कुरुत । (त्रयाणाम्) २ × ३ = ६

(କ) ମନ୍ଥନ ସମୟରେ ବିଷ ବାହାରିଥିଲା ।

(ଖ) ଯେଉଁଠାରେ ଗୋଟିଏ ସଂଖ୍ୟା ଅଛି, ତାହା ଏକବଚନ ଅଟେ ।

(ଗ) ଉତ୍ତର ଭାରତରେ ବହୁତ ତୀର୍ଥସ୍ଥାନ ଅଛି ।

(ଘ) ବଣ ଆମ୍ଭମାନଙ୍କର ଜୀବନ ଅଟେ ।

४. शून्यस्थानानि पूरयत । १ × ३ = ३

(क) ________ शक्तिपीठानि सन्ति।

(ख) ________ रक्षति रक्षितः।



https://ssvmkalamachhuin.in/

(ग) मन्थनदण्डस्य रज्जुः ________ आसीत्।

(घ) यत्र संख्याद्वयस्य ज्ञानं भवति, तत् ________।

५. पादपूरणं कुरुत । (त्रयाणाम्) १ × ३ = ३

(क) रामं ________ भजे।

(ख) वन्दे देवमुमापतिं ________ वन्दे जगत्कारणम्।

(ग) ________ मधुरं वदनं मधुरम्।

(घ) वचनं मधुरं ________ मधुरम्।

६. रेखांकितपदानां भ्रमं संशोधयत । (त्रयाणाम्) १ × ३ = ३

(क) त्वं <u>पठामि</u>।

(ख) अहं <u>हसति</u>।

(ग) ते <u>तरति</u>।

(घ) रामाय तस्मै <u>नमामि</u>।

७. संधिविच्छेदं कुरुत । (चतुर्णाम्) १ × ४ = ४

देवासुराः, खगाश्च, हिमाच्छादितः, नास्ति, सुदर्शनश्च

८. संस्कृतेन वाक्यानि रचयत। (पञ्चानाम्) १ × ५ = ५

पतन्ति, भवन्ति, पश्यन्ति, पूजितवन्तः, पुरतः, करोति

९. शुद्धशब्दं लिखतु। (त्रयाणाम्) १ × ३ = ३

हीमालयः, वणम्, वगवान्, वीद्यालयः

१०. मातृभाषया शब्दार्थः लिखत। (त्रयाणाम्) १ × ३ = ३

अत्र, वृक्षाः, माता, यत्र

११. स्तम्भमेलनं कुरुत। १ × ३ = ३

| 'क' स्तम्भः | 'ख' स्तम्भः |
|---|---|
| बालकाः | धावामः |
| वयं | लिखथ |
| यूयम् | खादन्ति |

१२. प्रकल्पकार्यम्। ५

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଅର୍ଦ୍ଧବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ଷଷ୍ଠ — ବିଷୟ : ଗଣିତ

ସମୟ : ୨ ଘଣ୍ଟା — ପୂର୍ଣ୍ଣସଂଖ୍ୟା : ୧୦୦

1. ସମ୍ଭାବ୍ୟ ଉତ୍ତରଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । $1 \times 2 = 2$

   (a) 1 ଲକ୍ଷ = ________ ହଜାର । (10, 100, 1000, 1)

   (b) $40^\circ 45'$ ର ଅନୁପୂରକ କୋଣ ହେଲା ________ ।

   ($50^\circ 20'$, $49^\circ 55'$, $49^\circ 15'$, $50^\circ 15'$)

2. ଠିକ୍ ଉକ୍ତି ପାଖରେ ଠିକ୍ (✓) ଚିହ୍ନ, ଭୁଲ୍ ଉକ୍ତି ପାଖରେ ଭୁଲ୍ (×) ଚିହ୍ନ ଦିଅ । $1 \times 3 = 3$

   (a) 375248 ରେ 7 ର ସ୍ଥାନୀୟମାନ 7000 ।

   (b) ଦୁଇଟି କ୍ରମିକ ଯୁଗ୍ମ ସଂଖ୍ୟାର ଗ.ସା.ଗୁ 2 ।

   (c) 13 ଦ୍ୱାରା ବିଭାଜ୍ୟତା ପରୀକ୍ଷା ପାଇଁ 13 ର କୀ ନମ୍ବର 5 ।

3. ଅଲଗା ସଂଖ୍ୟା ବାଛି ଲେଖ । $1 \times 3 = 3$

   (କ) 41, 51, 81, 91 ଯୌଗିକ ସଂଖ୍ୟା ଦୃଷ୍ଟିରୁ ।

   (ଖ) $\frac{3}{5}, \frac{9}{15}, \frac{15}{20}, \frac{18}{30}$ ସମ ଭଗ୍ନସଂଖ୍ୟା ଦୃଷ୍ଟିରୁ ।

   (ଗ) $20 = 7 + 13, 40 = 7 + 33, 30 = 7 + 23, 50 = 7 + 43$ ଗୋଲ୍‌ଡ୍‌ବାକ୍ ତଥ୍ୟ ଦୃଷ୍ଟିରୁ ।

4. ସ୍ତମ୍ଭ ମିଳନ କର । $1 \times 3 = 3$

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| 2 | ଚଳରାଶି |
| y | ଉପାଧାର |
| 50 | ଯୋଗାତ୍ମକ ଅଭେଦ |
| | ଗୁଣନାତ୍ମକ ଅଭେଦ |



https://ssvmkalamachhuin.in/

5. ଶୂନ୍ୟସ୍ଥାନ ପୂରଣ କର । $1 \times 3 = 3$

(a) 25.37 ରେ 7ର ସ୍ଥାନୀୟ ମାନ ______ ।

(b) ଯେଉଁ ଭଗ୍ନାଂଶ ଗୁଡ଼ିକର ଲବ 1 ସେଗୁଡ଼ିକୁ ______ ଭଗ୍ନାଂଶ କହନ୍ତି ।

(c) $3 \times p \times p \times p \times p \times q \times r \times r =$ ______ ।
(ଗୋଟିଏ ପଦ ଲେଖ) ।

6. ଉତ୍ତର ଦିଅ । $2 \times 3 = 6$

(a) ପାଞ୍ଚଅଙ୍କ ବିଶିଷ୍ଟ ବୃହତ୍ତମ ଓ କ୍ଷୁଦ୍ରତମ ସଂଖ୍ୟାର ଯୋଗଫଳ କାହାର ପୂର୍ବସଂଖ୍ୟା ଅଟେ ?

(b) ପ୍ରଥମ ଚାରୋଟି ମୌଳିକ ସଂଖ୍ୟାର ଗୁଣଫଳର ପରବର୍ତ୍ତୀ ସଂଖ୍ୟା କିଏ ?

(c) 12 ଓ 15 ର ଲ.ସା.ଗୁ. ଯେତେ ତା'ର ପୂର୍ବସଂଖ୍ୟା କିଏ ?

7. ରେଖାଙ୍କିତ ପଦକୁ ବଦଳାଇ ଭ୍ରମ ଥିଲେ ସଂଶୋଧନ କର ।
$2 \times 3 = 6$

(a) 2ଟି ବିନ୍ଦୁ ମଧ୍ୟ ଦେଇ <u>ଅସଂଖ୍ୟ</u> ସରଳରେଖା ଅଙ୍କନ କରାଯାଇପାରିବ ।

(b) ଗୋଟିଏ ସମତଳରେ ଥିବା 5 ଟି ସରଳରେଖା ଅତି ବେଶିରେ <u>6ଟି</u> ବିନ୍ଦୁରେ ଛେଦ କରିବେ ।

(c) 10 ଓ 100 ମଧ୍ୟରେ <u>25ଟି</u> ମୌଳିକ ସଂଖ୍ୟା ଅଛି ।

8. ସଂକ୍ଷେପରେ ଉତ୍ତର ଦିଅ । $2 \times 4 = 8$

(a) $994 \times 987$ (ଆଧାର ପ୍ରଣାଳୀରେ ଗୁଣନ କର ।)

(b) $54 \times 57$ (ଉପାଧାର ବିଧିରେ ଗୁଣନ କର ।)

(c) $893 \times 807$ (ସମଦଶକ ମିତ୍ରଏକକ ବିଧିରେ ଗୁଣନ କର)

(d) $508111 - 275579$ (ରଣାଙ୍କ ସାହାଯ୍ୟରେ ବିୟୋଗ କର)

9. ଏକ ପଦରେ ପ୍ରକାଶ କର । $2 \times 3 = 6$

(a) ଗୋଟିଏ ସମତଳରେ ଥିବା ତିନି ବା ତତୋଧିକ ବିନ୍ଦୁ ଗୋଟିଏ ସରଳରେଖା ଉପରିସ୍ଥ ହେଲେ ସେଗୁଡ଼ିକୁ କହନ୍ତି –



https://ssvmkalamachhuin.in/

(b) ଦୁଇଟି କୋଣର ଗୋଟିଏ ସାଧାରଣ ବାହୁ ଓ ଗୋଟିଏ ସାଧାରଣ ଶୀର୍ଷବିନ୍ଦୁ ଥିଲେ ଏବଂ ସେମାନଙ୍କ ଅନ୍ତର୍ଦ୍ଦେଶଦ୍ୱୟର କୌଣସି ସାଧାରଣ ଅଂଶ ନଥିଲେ ସେହି କୋଣ ଯୋଡ଼ି -

(c) 2 ଟିରୁ ଅଧିକ ଗୁଣନୀୟକ ଥିବା ସଂଖ୍ୟା -

10. ଯେକୌଣସି ଛଅଟି ପ୍ରଶ୍ନର ଉତ୍ତର ଦିଅ । $5 \times 6 = 30$

(a) 3, 5, 7 ଏହି ତିନୋଟି ଅଙ୍କ ବ୍ୟବହାର କରି ଆଠ ଅଙ୍କ ବିଶିଷ୍ଟ ବୃହତ୍ତମ ଓ କ୍ଷୁଦ୍ରତମ ସଂଖ୍ୟା ଲେଖ । ସଂଖ୍ୟା 2ଟିର ଅନ୍ତରଫଳ ନିର୍ଣ୍ଣୟ କର ।

(b) ମହେଶକୁ 22721ରେ 15 ଗୁଣିବାକୁ କୁହାଯାଇଥିଲା କିନ୍ତୁ ସେ ଭୁଲରେ ଉକ୍ତ ସଂଖ୍ୟାକୁ 51 ଦ୍ୱାରା ଗୁଣିଦେଲା । ସେ ପାଇଥିବା ଉତ୍ତର ପ୍ରକୃତ ଉତ୍ତରଠାରୁ କେତେ ଅଧିକ ହେଲା ?

(c) $5+\left[12\div\left\{15-4\times\overline{5-2}\right\}\right]$ ସରଳ କର ।

(d) 6 ର ବିଭାଜ୍ୟତା ନିୟମ ଲେଖି 2ଟି ଉଦାହରଣ ସହ ବୁଝାଅ ।

(c) ଜଣେ ଦୋକାନୀ ଦିନକୁ 2105ଟି କଲମ ଓ 1987ଟି ପେନ୍‌ସିଲ ବିକ୍ରିକରେ । ସେ 12 ଦିନରେ କଲମ ଓ ପେନସିଲ ମିଶାଇ କେତୋଟି ବିକ୍ରି କରେ ?

(f) ଏକ ପ୍ରେକ୍ଷାଳୟରେ ପ୍ରତି ଧାଡ଼ିରେ 36ଟି ଲେଖାଏଁ ଚଉକି ରଖାଯାଇଥିଲା । ତେବେ ଅତିକମ୍‌ରେ କେତେ ଧାଡ଼ିରେ 600 ଲୋକ ବସି ପାରିବେ ଏବଂ କେତୋଟି ଚଉକି ବଳିବ ?

(g) ଗୋଟିଏ ରୋଲ୍‌ରେ $5\frac{1}{2}$ ମି. ରିବନ୍ ଥିଲା । ସେଥିରୁ ସରିତା $\frac{2}{5}$ ମିଟର ଓ ଲଳିତା $\frac{3}{4}$ ମିଟର ରିବନ ନେଇଗଲେ । ରୋଲ୍‌ରେ ଆଉ କେତେ ମିଟର ରିବନ୍ ରହିଲା ?

(h) $0.75 + 10.531 + 3.7$ କୁ ଯୋଗକରି ଯୋଗଫଳକୁ ବିସ୍ତାରିତ ରୂପରେ ଲେଖ ।



https://ssvmkalamachhuin.in/

11. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । $5 \times 1 = 5$

(a) ସୀତାର ବୟସ 15 ବର୍ଷ। ଗୀତା ତା'ଠାରୁ y ବର୍ଷ ବଡ଼। ସେ ଦୁହିଁଙ୍କ ମୋଟ ବୟସ ଅପେକ୍ଷା ରୀତାର ବୟସ z ବର୍ଷ କମ୍। ତେବେ ରୀତାଙ୍କ ବୟସ ପାଇଁ ପରିପ୍ରକାଶଟି ଲେଖ। $y = 5$ ଓ $z = 2$ ହେଲେ ରୀତାର ବୟସ କେତେ ?

(b) ଏକ ଆୟତଘନର ଘନଫଳ ତା'ର ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତାର ଗୁଣଫଳ ସଙ୍ଗେ ସମାନ। ବୀଜ ବ୍ୟବହାର କରି ସୂତ୍ରଟି ଲେଖ। ସୂତ୍ର ସାହାଯ୍ୟରେ 4ମି. ଦୈର୍ଘ୍ୟ, 3ମି. ପ୍ରସ୍ଥ ଓ 2 ମି. ଉଚ୍ଚତା ବିଶିଷ୍ଟ ଆୟତଘନର ଘନଫଳ ସ୍ଥିର କର।

12. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । $5 \times 1 = 5$

a) 5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଗୋଟିଏ ବୃତ୍ତ ଅଙ୍କନ କର । ସେହି ବୃତ୍ତରେ ଏକ ଜ୍ୟା ଅଙ୍କନ କରି ତା'ର ସମଦ୍ୱିଖଣ୍ଡକ ଲମ୍ବ ଅଙ୍କନ କର।

b) $80^0$ ପରିମାଣର କୋଣ ଅଙ୍କନ କରି ତାହାକୁ ସମାନ ଚାରି ଭାଗରେ ବିଭକ୍ତ କର।

13. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । $5 \times 1 = 5$

(a) $39^\circ 54'$ ମାପ ବିଶିଷ୍ଟ କୋଣର ଅନୁପୂରକ କୋଣ ଓ ପରିପୂରକ କୋଣ ନିର୍ଣ୍ଣୟ କର।

(b) ଚିତ୍ର ସହ ସଂଜ୍ଞା ଲେଖ :- ସରଳରୈଖିକ ଯୋଡ଼ି, ପ୍ରତୀପ କୋଣ

14. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । $5 \times 1 = 5$

(a) ଗୋଟିଏ ଆୟତାକୃତି ବିଶିଷ୍ଟ ଟେବୁଲର ଉପରି ଭାଗର ଦୈର୍ଘ୍ୟ 4 ମିଟର ଓ ପ୍ରସ୍ଥ 2ମି. 50 ସେ.ମି. । ଏହାର ଚାରିଧାରରେ ସରୁ ରଙ୍ଗିନ ଝାଲେରୀ ଲଗାଯିବ। କେତେ ଲମ୍ବର ଝାଲେରୀ ଆବଶ୍ୟକ ?

(b) 7 ମିଟର ଦୈର୍ଘ୍ୟ ଓ 4 ମିଟର ପ୍ରସ୍ଥ ବିଶିଷ୍ଟ ଗୋଟିଏ ଆୟତାକାର କାନ୍ଥର ପରିସୀମା 6 ମିଟର ଦୈର୍ଘ୍ୟ ବିଶିଷ୍ଟ ଏକ ବର୍ଗାକାର କାନ୍ଥର ପରିସୀମା ଅପେକ୍ଷା କେତେ କମ୍ ?

15. ପ୍ରକଳ୍ପ କାର୍ଯ୍ୟ 10

❖❖❖



https://ssvmkalamachhuin.in/